# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10th November – 2025

*******************************

## ମୁଖ୍ୟ ସମ୍ବାଦ

- ଜୈବିକ ପ୍ରକ୍ରିୟାରେ ଚାଷ କରିବାପାଇଁ କୃଷକମାନଙ୍କୁ ଆହ୍ୱାନ ଦେଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ।

— କଟକ ବିଦ୍ୟାଧରପୁରରେ ଆୟୋଜିତ ବୈଠକରେ ହେଲେ ସାମିଲ୍ ।

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ହେବ ମତଦାନ ।

— ବିହାରରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍‌ଗ୍ରହଣ ।

- ରାଜ୍ୟରେ ୨୦୨୭ ଜନଗଣନାପାଇଁ ଆଜିଠାରୁ ଆରମ୍ଭ ହେଲା ଡିଜିଟାଲ୍ ପ୍ରାକ୍ ଜନଗଣନା ପ୍ରକ୍ରିୟା ।

ଏବଂ

- ଶୀତର ଲହରୀ ବୃଦ୍ଧି ପାଇବାନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

*PIB*

# କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ' ଜୈବିକ ପ୍ରକ୍ରିୟାରେ ଚାଷ କରିବାପାଇଁ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି । କଟକର ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଆୟୋଜିତ ଏକ ବୈଠକରେ ଶ୍ରୀ ଚୌହାନ ଅଧ୍ୟକ୍ଷତା କରିଥିଲେ ।

ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଆତ୍ମନିର୍ଭରତା ମିଶନ ଓ ଜାତୀୟ ଜୈବିକ କୃଷି ଅଭିଯାନର କାର୍ଯ୍ୟକାରିତା ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି ।

*Nuapada/R*

# ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ କରାଯିବ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । ସକାଳ ସାଢ଼େ ୫ଟାରୁ ମକ୍‌ପୋଲ୍ ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ କହିଛନ୍ତି । ନୂଆପଡାରେ ଅବାଧ, ମୁକ୍ତ ଏବଂ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାପାଇଁ

ପ୍ରଶାସନ ପକ୍ଷରୁ ୨ଟି ସହାୟତା ନମ୍ବର ଜାରି କରାଯାଇଛି । ନୂଆପଡ଼ା ଉପନିର୍ବାଚନ ପାଇଁ ୩୫୮ଟି ମତଦାନ କେନ୍ଦ୍ର କରାଯାଇଛି । ଯେଉଁ ବୁଥ୍‌ରେ ୧୨ ଶହରୁ ଅଧିକ ଭୋଟର୍ ଅଛନ୍ତି, ସେହି ସ୍ଥାନଗୁଡ଼ିକରେ ୫୬ଟି ଅତିରିକ୍ତ ବୁଥ୍ କରାଯାଇଛି । ଏ ସମ୍ପର୍କରେ ଆମ ନୂଆପଡ଼ା ସମ୍ବାଦଦାତା କହିଛନ୍ତି :

***Voice*** **:.........**

***Desk***

# ବିହାର ବିଧାନସଭା ନିର୍ବାଚନ

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍‌ଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ମତଦାନ ହେବ । ପ୍ରଥମ ପର୍ଯ୍ୟାୟରେ ବିହାରରେ ୬୪ ଦଶମିକ ୬/୬ ପ୍ରତିଶତ ମତଦାନ ହୋଇଥିଲା ।

***HS***

# ପ୍ରାକ୍ ବଜେଟ୍ ପରାମର୍ଶ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ଆଗାମୀ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ପ୍ରମୁଖ ଅର୍ଥନୀତିଜ୍ଞଙ୍କ ସହ ପ୍ରଥମ ପ୍ରାକ୍-ବଜେଟ୍ ପରାମର୍ଶ ବୈଠକରେ ଅଧ୍ୟକ୍ଷତା କରିଛନ୍ତି ।

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଜାରି ଏକ ବିବୃତିରେ କୁହାଯାଇଛି, ଏହି ବୈଠକରେ ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଏବଂ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ବି. ଅନନ୍ତ ନାଗେଶ୍ୱରନଙ୍କ ବ୍ୟତୀତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ପ୍ରାକ୍-ବଜେଟ୍ ପରାମର୍ଶ, ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା କେନ୍ଦ୍ର ବଜେଟ୍ ଚୂଡ଼ାନ୍ତ କରିବା ପୂର୍ବରୁ ସରକାରଙ୍କୁ ବିଭିନ୍ନ କ୍ଷେତ୍ରର ଅଂଶୀଦାରମାନଙ୍କ ଠାରୁ ବିବିଧ ମତାମତ ପାଇବାର ସୁଯୋଗ ପ୍ରଦାନ କରିଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***Puri/R***

# ପର୍ଯ୍ୟଟନ ପ୍ରକଳ୍ପ ଶିଳାନ୍ୟାସ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲ୍ଲା ନିମାପଡ଼ାର ସୌନ୍ଦର୍ଯ୍ୟକରଣପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଆଜି ଶିଳାନ୍ୟାସ କରିଛନ୍ତି । ଏଥିସହ ଅମରେଶ୍ୱର ମନ୍ଦିର ସମେତ ନିମାପଡ଼ା ଓ ଗୋପ ବ୍ଲକ୍‌ର ୧୨ଟି ମନ୍ଦିର ଓ ପୀଠରେ ୧୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରାଯାଇଛି ।

*Desk*

# ପ୍ରଧାନ - ବନ୍ଦେ ମାତରମ୍

ବିକଶିତ ଭାରତ ଗଠନରେ 'ବନ୍ଦେ ମାତରମ୍' ପଥପ୍ରଦର୍ଶକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମଜସ୍ ମହାବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ଆହ୍ୱାନ ଦେଇଛନ୍ତି ।

*Desk, BBSR, Nabarangpur/R*

# ୨୦୨୭ ଜନଗଣନା

ରାଜ୍ୟରେ ୨୦୨୭ ଜନଗଣନା ପାଇଁ ଆଜିଠାରୁ ଡିଜିଟାଲ ପ୍ରାକ୍ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ଚାରୋଟି ସ୍ଥାନ ଭୁବନେଶ୍ୱର, କଟକ, ମୟୂରଭଞ୍ଜ ଓ ନବରଙ୍ଗପୁରରେ ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ସର୍ବଭାରତୀୟ ସ୍ତରରେ ୩୪ ଲକ୍ଷ ଶିକ୍ଷକ ଗଣନା କାର୍ଯ୍ୟରେ ନିୟୋଜିତ ହେବେ। ଚଳିତ ଥର ଗଣନା ପ୍ରକ୍ରିୟାକୁ କାଗଜ ବିହୀନ ଭାବରେ ମୋବାଇଲ ଆପ୍ ମାଧ୍ୟମରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଜନଗଣନା ତଥ୍ୟ ସମନ୍ୱିତ ପୁସ୍ତକରେ ଗ୍ରାମ, ସହର, ଜିଲ୍ଲାର ସମସ୍ତ ଭିତ୍ତିଭୂମି ଓ ନଗରସ୍ତରୀୟ

ସୁବିଧା ସୁଯୋଗ, ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସାମାଜିକ ଏବଂ ଅର୍ଥନୈତିକ ସୂଚନା ରହିବ। ଗଣନାକାରୀ ଲୋକମାନଙ୍କ ଘର ପରିଦର୍ଶନ କରି ଗୃହ ନମ୍ବର ଦେବେ ଏବଂ ତଥ୍ୟ ସଂଗ୍ରହ କରିବେ ।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୨୨ ନମ୍ବର ୱାର୍ଡ଼ର ଭରତପୁରରେ ୫୦ ଜଣ ଗଣନାକାରୀ ଓ ୮ ଜଣ ସୁପରଭାଇଜର ପ୍ରାକ୍ ପରୀକ୍ଷଣକୁ କାର୍ଯ୍ୟକାରୀ କରିଥିଲେ ।

ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଆସନ୍ତା ଜନଗଣନାପାଇଁ ୨୦ଟି ଗ୍ରାମର ଡିଜିଟାଲ୍ ମ୍ୟାପିଂ କରାଯାଇଛି । ଆଜିଠାରୁ ତାଲିମପ୍ରାପ୍ତ ୬୫ ଜଣ ଜନଗଣନାକାରୀ ଓ ୧୧ ଜଣ ସୁପରଭାଇଜର୍ ଡିଜିଟାଲ ମ୍ୟାପିଂ କାର୍ଯ୍ୟ ଆରମ୍ଭ କରିଛନ୍ତି । ସେମାନେ ଭାରତୀୟ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ମୋବାଇଲ୍ ଆପ୍ ଜରିଆରେ ମ୍ୟାପିଂ କରିଥିଲେ । ଏହି ଡିଜିଟାଲ୍ ମ୍ୟାପିଂ କାର୍ଯ୍ୟ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Puri, Nabarangpur, Nayagarh/R***

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ପୁରୀ ଜିଲ୍ଲା ନିମାପଡ଼ାଠାରେ ଆୟୋଜିତ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଉଦ୍‌ଘାଟନ କରିଛନ୍ତି । ଏହ ଅବସରରେ ୧୨୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ କୃଷିଭିତ୍ତିକ

ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରାଣୀସମ୍ପଦ ସେବାକୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ରାଇଘରଠାରେ ଆୟୋଜିତ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ମତ୍ସ୍ୟ ଓ ପଶୁଖାଦ୍ୟ ଉତ୍ପାଦନପାଇଁ ଉଦ୍ୟୋଗ ବିକାଶର ପ୍ରମୁଖ ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ନୟାଗଡ଼ ଜିଲ୍ଲା ଗଣିଆଠାରେ ବ୍ଲକ୍‌ସ୍ତରୀୟ ମେଳା ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଜନସାଧାରଣଙ୍କୁ ସ୍ୱାବଲମ୍ବୀ କରିବାପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

*Nabarangpur/R*

## ବାଲ୍ୟବିବାହ ନିଷେଧ ସଚେତନତା

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦେଳେଇଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟବିବାହକୁ ନିରୋଧ କରିବାପାଇଁ

ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଜିଲ୍ଲାପାଳ କହିଛନ୍ତି । ଏଥିଯୋଗୁଁ ଆର୍ଥିକ, ଶାରୀରିକ ତଥା ସାମାଜିକ ଦୁର୍ଗତିକୁ ସମ୍ମୁଖୀନ ହେବାକୁ ପଡ଼େ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

***Desk, Sonepur, Deogarh, Bhadrak, Nabarangpur, Nayagarh, Khurda, Sambalpur, Malkangiri, Boudh/R***

# ଯୁଗ୍ମ ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଇଚ୍ଛାପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୧୨୨ଟି ଅଭିଯୋଗ ମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ଦେବଗଡ଼ ଜିଲ୍ଲା ତିଳେଇବଣି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୨୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାନ୍ଦବାଲି ବ୍ଲକ୍‌ରେ ଆୟୋଜିତ ଶିବିରରେ ୩୮ଟି ଅଭିଯୋଗର ଶୁଣାଣି କରାଯାଇ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଓ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ଶିବିରରେ ୨୩ଟି ଅଭିଯୋଗର ଶୁଣାଣି କରାଯାଇଥିବାବେଳେ ନୟାଗଡ଼

ଜିଲ୍ଲା ଦଶପଲ୍ଲା ବ୍ଲକ୍‌ରେ ଆୟୋଜିତ ଶିବିରରେ ୧୨୫ଟି ଅଭିଯୋଗ ମଧ୍ୟରୁ ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ଖୋର୍ଦ୍ଧା, ସମ୍ବଲପୁର, ମାଲକାନଗିରି ଓ ବୌଦ୍ଧ ଜିଲ୍ଲାରେ ଅନୁଷ୍ଠିତ ଶିବିରରେ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***Desk***

# ବିଜ୍ଞାନ ଦିବସ

ବିଜ୍ଞାନ ପ୍ରତି ସଚେତନତା ସୃଷ୍ଟି ପାଇଁ ଆଜି ବିଶ୍ୱ ବିଜ୍ଞାନ ଦିବସ ପାଳିତ ହେଉଛି। ସାରା ବିଶ୍ୱରେ ଶାନ୍ତି ଓ ବିକାଶର ଧାରାକୁ ବଜାୟ ରଖିବା ପାଇଁ ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ ୨୦୦୧ ମସିହା ନଭେମ୍ବର ୧୦ ତାରିଖକୁ ଏହି ଦିବସ ରୂପେ ପାଳନ କରିଆସୁଛି। ଚଳିତବର୍ଷ ବିଶ୍ୱାସ, ପରିବର୍ତ୍ତନ, ଭବିଷ୍ୟତ;୨୦୫୦ ପାଇଁ ବିଜ୍ଞାନର ଆବଶ୍ୟକତାକୁ ନେଇ ବିଶ୍ୱ ବିଜ୍ଞାନ ଦିବସ ପାଳନ କରାଯାଉଛି ।

***Khurda/R***

# ରେଳ ବୈଠକ

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳଦ୍ୱାରା ରେଳ ସମ୍ବନ୍ଧୀୟ ଜରୁରୀକାଳୀନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରସ୍ତୁତି

ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ରେଳ ପ୍ରବନ୍ଧକ ପି.କେ. ବେହେରା ଯୋଗଦେଇ ଆନ୍ତଃ ସହଭାଗୀ ସମନ୍ୱୟକୁ ମଜବୁତ୍ କରିବା, ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ରେଳ ପରିଚାଳନାରେ ବିଭିନ୍ନ ଅପ୍ରୀତିକର ଘଟଣାର ପରିଚାଳନାପାଇଁ ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ପୁଲିସ୍, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବଳ, ଅଗ୍ନିଶମ, ଡକ୍ତରୀ ଦଳ ଏବଂ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ସହିତ ଜଡ଼ିତ ରେଳ ବିଭାଗର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଆସନ୍ତାକାଲି କଟକ, ଅନୁଗୁଳ, ଝାରସୁଗୁଡ଼ା, କନ୍ଧମାଳ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ଶୀତଲହରୀ ଜାରି ରହିବାର ସମ୍ଭାବନା ଥିବାରୁ ଏହିସବୁ ସ୍ଥାନକୁ ସତର୍କ ସୂଚନା ଜାରି କରାଯାଇଛି ।

******